



# ନନ୍ଦନକାନନ ଆସିବେ ୨ ନାଲି ବାଘୁଣୀ

ନନ୍ଦନକାନନ, ୨।୭ (ସମିସ): ରାଜ୍ୟ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିବେ ୨ ନାଲି ବାଘୁଣୀ ସମେତ ୨୧ଟି ଜନ୍ତୁ। ଏହା ବଦଳରେ ଏଠାରୁ ଯିବେ ଧଳା ବାଘୁଣୀ ହିମାଂଶୀ ସମେତ ୩୫ଟି ପଶୁପକ୍ଷୀ। ମିଳିଥିବା ସୂଚନା ଅନୁସାରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଏଠାରୁ ଆସନ୍ତା ୬ ତାରିଖରେ ଏହି ୩୫ଟି ପଶୁପକ୍ଷୀଙ୍କୁ ନେଇ ରାଞ୍ଚି ଯିବେ। ନନ୍ଦନକାନନରୁ ଯିବାକୁ ଥିବା ଜୀବମାନଙ୍କ ମଧ୍ୟରେ ବାଘୁଣୀ ହିମାଂଶୀ, ଡାଳି ଓଧ ୪ଟି, ଗୁରାଣ୍ଟି ୪ଟି, କୋକିଶିଆଳି ୨ଟି, ବାଜେଣି ପକ୍ଷୀ ୨୦ଟି ନେଇ ରାଞ୍ଚି ଯିବେ। ସେଠାରୁ ୨ଟି ନାଲି ବାଘୁଣୀ, ୪ଟି ହେଟା ବାଘ, ୫ଟି ନୀଳ ଗାଈ, ୧୦ଟି ଝିଙ୍କ ଆସିବାର ଯୋଜନା ରହିଛି।



# ଗାଧୁଆଘରେ ଯୁବକଙ୍କ ଆତ୍ମହତ୍ୟା

ବାଲିଅନ୍ତା,୨।୭ (ସମିସ): ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ମଠ ସାହିର ଶ୍ରୀଦ୍ଧର ଗାହାଣଙ୍କ ପୁଅ ରମାକାନ୍ତ ଗାହାଣ ମଙ୍ଗଳବାର ଗାଧୁଆ ଘର ଆଜ୍‌ବେଷ୍ଟସ ଶେଣୀରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ପ୍ରଥମେ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ରମାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ଶ୍ରୀଦ୍ଧରଙ୍କ ସାନ ପୁଅ ରମାକାନ୍ତ ଅବିବାହିତ। ରମାକାନ୍ତ ତେଜରାତି ଦୋକାନରେ ମାଆଙ୍କୁ ବସାଇଦେଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ପାଇ ନ ଥିଲେ। ହେଲେ ଗାଧୁଆ ଘର ବନ୍ଦଥିବା ସନ୍ଦେହ ହୋଇଥିଲା। କବାଟ ଭାଙ୍ଗି ଦେଖିଲା ବେଳକୁ ରମାକାନ୍ତ ଶେଣୀରେ ଝୁଲୁଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ଟ୍ରାଫିକ୍ ପୁଲିସଙ୍କୁ ଗାଡ଼ି ଚଢ଼ାଇବା ଘଟଣା**

# ଗିରଫ ହେଲେ ଫେରାର ଡ୍ରାଇଭର୍

ଭୁବନେଶ୍ୱର, ୨।୭ (ସମିସ) : ଟ୍ରାଫିକ୍ ପୁଲିସ ଉପରକୁ ଗାଡ଼ି ଚଢ଼ାଇବା ଘଟଣାରେ ନୂଆପଲ୍ଲୀ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ଗହିରଗାଡ଼ିଆର ପ୍ରଶାନ୍ତ କୁମାର ନାୟକ। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୁଲିସ ଜବତ କରିଛି। ବାଙ୍କୀ ଗୋପାଳପୁରରୁ ତାଙ୍କୁ ଗିରଫ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ମଧ୍ୟ ଜବତ ହୋଇଛି। ପ୍ରକାଶ ଥାଉ କି ଗତ ଶନିବାର ରାତି ପ୍ରାୟ ୧୦ଟା ୧୦ ମିନିଟ ସମୟରେ ଟ୍ରାଫିକ୍ ପୁଲିସ ମଧୁସୂଦନ କିର୍ସାନି ରାମ ମନ୍ଦିର ନିକଟରୁ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ଜୟଦେବ ବିହାର ଫ୍ଲାଏଓଭର୍ ନିକଟରେ ଉକ୍ତ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମଧୁସୂଦନ ପଡ଼ିଯିବା ପରେ ତାଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢ଼ି ଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରଠୁ ଟ୍ରକ ନେଇ ପ୍ରଶାନ୍ତ ଫେରାର ଥିଲେ। ପୁଲିସ ହାତରେ ଧରା ପଡ଼ିଯିବା ଭୟରେ ସେ ପ୍ରତିଦିନ ଏଣେତେଣେ ଘୂରିବୁଲୁଥିଲେ।। ମଙ୍ଗଳବାର ସକାଳେ ବାଙ୍କୀ ଗୋପାଳପୁର ଅଞ୍ଚଳରୁ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି ପୁଲିସ।

**ଟଙ୍କା ଉଠାଣ ଲାଗି ଆସି ଫସିଗଲେ**

# ୫୦ ଆକାଉଣ୍ଟର ୨ କୋଟି ଫ୍ରିଜ୍



ଭୁବନେଶ୍ୱର, ୨।୭ (ସମିସ): କେନ୍ଦ୍ର ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଡିଜିଟାଲ ଗିରଫ ଆଳରେ ୩୬ ଲକ୍ଷ ଠକେଇ ମାମଲାରେ ଧରାପଡ଼ିଥିବା ଗ୍ୟାଙ୍ଗ୍ ୫ ସଦସ୍ୟ ଲାଲେଙ୍ଗ୍ ଜୌଭା କାଇପେଙ୍ଗ ଓରଫ ଡେଞ୍ଜୋ(ବୋଷ୍), ଜିତେନ୍ କାଇପେଙ୍ଗ୍, ସେକ୍ ତାଜୁଦ୍ଦିନ, ମୁତୁମାରୀ ଚିଟ୍ଟି ବାବୁ ଓ ଏଲ୍‌ଭିସ୍ ତାରା ଓରଫ ଜେମ୍ସଙ୍କ ଲାଗି ସମସ୍ୟା ବଢ଼ିଚାଲିଛି। ଭୁବନେଶ୍ୱର ଥିବା ଏକ ବ୍ୟାଙ୍କକୁ ଠକେଇ ଟଙ୍କା ଆସିଥିବାରୁ ଟଙ୍କା ଉଠାଣ ଲାଗି ଗ୍ୟାଙ୍ଗର ସଦସ୍ୟମାନେ ଆସିଥିଲେ। ଭୁବନେଶ୍ୱରକୁ ତ୍ରିପୁରାରୁ କାର୍ ନେଇ ଆସିଥିବା ବେଳେ ଭୁବନେଶ୍ୱରରେ କମିସନରେଟ୍ ପୁଲିସ ପଞ୍ଝାରେ ଫସିଯାଇଥିଲେ। ସେମାନଙ୍କୁ ହେପାଜତକୁ ନେଇ ଖୋଳତାଡ଼ କରିବା ପରେ ସମଗ୍ର ଦେଶରେ ଠକେଇ ସାମ୍ରାଜ୍ୟ ପଦାକୁ ଆସିଥିଲା। ଭୁବନେଶ୍ୱରରେ ଗୋଟିଏ ମାମଲାର ତଦନ୍ତ କରିବା ପରେ ମିଳିଛି ଗୁରୁତ୍ୱପୂର୍ଣ୍ଣ ସୁରାକ୍। ଅଭିଯୁକ୍ତମାନେ ଓଡ଼ିଶାରେ ଗୋଟିଏ ମାମଲାରେ ସମ୍ପୃକ୍ତି ରହିଛନ୍ତି। ସେଇ ଟଙ୍କାକୁ କର୍ପୋରେଟ୍ ଓ କରେଣ୍ଟ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥିଲା। ୫୦ଟି ମ୍ୟୁଲ ଆକାଉଣ୍ଟରେ ଥିବା ୨ କୋଟିରୁ ଅଧିକ ଟଙ୍କା ଫ୍ରିଜ୍ କରାଯାଇ ତଦନ୍ତ ଚାଲୁଛି। ଏଥିସହ ଗୃହ ମନ୍ତ୍ରାଳୟ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଓ ଇଣ୍ଡିଆନ୍ ସାଇବର୍ କ୍ରାଇମ୍ କୋର୍ଡିନେସନ୍ ସେଣ୍ଟରକୁ ଯୋଗାଯୋଗ କରାଯାଇ ଅଧିକ ଖୋଳତାଡ଼ କରୁଛି।

## ■ ଜେଲ୍‌ରେ ଜେରା ଲାଗି ପ୍ରକ୍ରିୟା

ଅଭିଯୁକ୍ତଙ୍କୁ ଗିରଫ କରିବାର ୧୫ଦିନ ବିତିଯାଇଥିବାରୁ ଆଉ ରିମାଣ୍ଡରେ ଆଣିପାରିବନି କମିସନରେଟ୍ ପୁଲିସ। ତେଣୁ ଜେଲ୍‌ରେ ଅଭିଯୁକ୍ତଙ୍କୁ ଜେରାକରିବା ଲାଗି ପ୍ରକ୍ରିୟା ଆରମ୍ଭ କରାଯିବ। ସମଗ୍ର ଦେଶର ୨୪ ରାଜ୍ୟରେ ୫ ଅଭିଯୁକ୍ତଙ୍କ ନାମରେ ମାମଲା ରହିଥିବାରୁ ୯ ରାଜ୍ୟର ୧୫ଟି ତଦନ୍ତକାରୀ ସଂସ୍ଥା ଆସି ଜେରା କରିଛନ୍ତି। ଆଉ କିଛି ରାଜ୍ୟର ପୁଲିସ ଓ ତଦନ୍ତକାରୀ ସଂସ୍ଥା ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି। ତେଣୁ ଜେଲରେ ଅଭିଯୁକ୍ତମାନଙ୍କୁ ଜେରା କରିବା ଲାଗି ଯୋଜନା ଚାଲିଛି। କୋର୍ଟଙ୍କ ଅନୁମତିକ୍ରମେ ବିଭିନ୍ନ ରାଜ୍ୟର ପୁଲିସ ଅଭିଯୁକ୍ତମାନଙ୍କୁ ଜେଲରେ ଜେରା କରିବେ। ଏଥିସହ ମାମଲା ସଂଯୋଗ କରିବା ପରେ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ରାଜ୍ୟ ମାମଲା ରୁଜୁ କରାଯିବ। ପରେ ଅଭିଯୁକ୍ତଙ୍କ ବିଭିନ୍ନ ରାଜ୍ୟ ପୁଲିସ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ତ୍ରିପୁରା, ଆସାମ ଭଳି ପୁଲିସ ଖୁବ୍‌ଶୀଘ୍ର ଭୁବନେଶ୍ୱର ଆସିବ ବୋଲି ଜଣାପଡ଼ିଛି।

## ■ ସତ ଉଗାରିଲେ ୧୫ ତଦନ୍ତକାରୀ ସଂସ୍ଥା

ଧରାପଡ଼ିଥିବା ୫ ଅଭିଯୁକ୍ତଙ୍କୁ ୯ ରାଜ୍ୟର ୧୫ ଟି ତଦନ୍ତକାରୀ ସଂସ୍ଥା ଆସି ଜେରା କରିଛନ୍ତି। ଆଉ କିଛି ତଦନ୍ତକାରୀ ସଂସ୍ଥା ଭର୍ଚୁଆଲ୍‌ରେ ସେମାନଙ୍କୁ ଜେରା କରିଛନ୍ତି। ତେଲେଙ୍ଗାନା ପୁଲିସର ସାଇବର୍ ଥାନା ପୁଲିସ, ଟିଜି ସାଇବର୍ ସିକ୍ୟୁରିଟି ବ୍ୟୁରୋ, ହାଇଦରାବାଦ ପୁଲିସର ଗୋଟିଏ ଲେଖାଏଁ ଟିମ୍ ଜେରା କରିଥିଲା। ସେପରି ପଶ୍ଚିମବଙ୍ଗ ପୁଲିସ, ସାଇବର୍ ପୁଲିସ, ତାମିଲନାଡୁ ପୁଲିସ, କୋଏମ୍ବାଟୁର ସିଟି ପୁଲିସ, ଟଙ୍କାଶି (ଜିଲ୍ଲା), ଚେଙ୍ଗଲାପଟୁ (ଜିଲ୍ଲା), କଲ୍ଲାକୁରୁଚି, ତାମିଲନାଡୁର ସ୍ପେଶାଲ ବ୍ରାଞ୍ଚ, ତାଲିମନାଡୁ ସାଇବର ଥାନା ପୁଲିସ, ନାଗପୁର ସାଇବର୍ ଥାନା ପୁଲିସ ଓ ମହାରାଷ୍ଟ୍ର ପୁଲିସ, ମହାରାଷ୍ଟ୍ର ସାଇବର୍ ସେଲ୍‌ଫ, ଥାନେ ସାଇବର୍ ଥାନା ପୁଲିସ, ବେଙ୍ଗାଲୁରୁ ଏସ୍‌ଆଇଟି, ବେଙ୍ଗାଲୁରୁ ନର୍ଥ ଇଷ୍ଟ ସେଣ୍ଟର ପୁଲିସ ଷ୍ଟେସନ, ବେଙ୍ଗାଲୁରୁ ୱେଏଷ୍ଟ ସେଣ୍ଟ ପୁଲିସ ଷ୍ଟେସନ, ଉତ୍ତରାଖଣ୍ଡ ସାଇବର ଥାନା ଏବଂ ଏର୍ଣ୍ଣାକୁଲମ୍ ଟାଉନ ସାଉଥ୍ ପୁଲିସ ଷ୍ଟେସନ ଏବଂ କୋଚି ସିଟି ପୁଲିସ ଓ କେରଳ ପୁଲିସର ଟିମ୍ ୫ ଅଭିଯୁକ୍ତଙ୍କୁ ମାରାଥନ୍ ଜେରା କରିଥିଲେ। ଏଥିସହ ଓଡ଼ିଶା ପୁଲିସ ସହ ଅନ୍ୟ ରାଜ୍ୟର ମିଳିତ ଟିମ୍ ଅଭିଯୁକ୍ତଙ୍କ ଜେରା କରି ସତ ଉଗାରିଥିଲା।



## ଆକାଉଣ୍ଟଧାରୀ ମିଳୁଥିଲା ୨ ରୁ ୫% ଟଙ୍କା

ସାଇବର୍ ଠକେଇ ବଢ଼ିବା ପଛରେ ଜାଲ ଆକାଉଣ୍ଟଧାରୀଙ୍କ ସମ୍ପୃକ୍ତି ରହିଛି। କିଛି ଟଙ୍କା ଲାଗି ବେକାର ଯୁବକ ଓ ଯୁବତୀମାନେ ନିଜ ନାମରେ ଆକାଉଣ୍ଟ ଖୋଲୁଛନ୍ତି। ପରେ ଆକାଉଣ୍ଟଗୁଡିକ କିଛି ଟଙ୍କା ଲୋଭରେ ସାଇବର ଅପରାଧୀଙ୍କୁ ବିକ୍ରି କରୁଛନ୍ତି। ଆକାଉଣ୍ଟକୁ ଟ୍ରେଡିଂ ଓ ଗେମ୍ ଲାଗି ବ୍ୟବହାର କରାଯିବ ଓ ଏଥିରେ ନିୟମିତ ଟଙ୍କା ମିଳିବ ବୋଲି ଆକାଉଣ୍ଟଧାରୀଙ୍କୁ କୁହାଯାଉଛି। ଏମିତି ଲୋଭ ଦେଖାଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଉଛନ୍ତି। ପ୍ରତି ଆକାଉଣ୍ଟ ବାବଦରେ ଆକାଉଣ୍ଟଧାରୀଙ୍କୁ ଜମାଟଙ୍କାର ୨ରୁ ୫ ପ୍ରତିଶତ ଟଙ୍କା ମିଳିଯାଉଛି। ପରେ ମୋବାଇଲ୍ ଫୋନ୍‌ରେ ଏପିକେ ଫାଇଲ ଖୋଲିବା ପରେ ନମ୍ବରଟି ସେଥିରେ ଯୋଡ଼ି ଦେଉଛନ୍ତି। ସେଥିରେ ଆଧାର, ପ୍ୟାନ୍ ଓ ସିମ୍ ନମ୍ବର ଦିଆଯାଇଥିବାରୁ ଆକାଉଣ୍ଟରେ ଟଙ୍କା ନେଣଦେଣ ସଂକ୍ରାନ୍ତ ଯେତେ ବି ମେସେଜ୍ ଆସିବ, ତାହା ଆକାଉଣ୍ଟଧାରୀଙ୍କ ନିକଟକୁ ନ ଯାଇ ଗ୍ୟାଙ୍ଗ୍ ମୁଖିଆ ଦେଇଥିବା ନମ୍ବରରେ ଯାଉଛି। ପରେ ଆକାଉଣ୍ଟଗୁଡ଼ିକ ବ୍ୟବହାର କରି ଠକେଇ ଶିକାର ବ୍ୟକ୍ତିଙ୍କ ଟଙ୍କା ଏହି ବେନାମୀ ଆକାଉଣ୍ଟଗୁଡ଼ିକୁ ଟଙ୍କା ଯାଉଛି।













ମାଷ୍ଟରକ୍ୟାଣ୍ଟିନ୍ ଛକରେ ଛାତ୍ର କଂଗ୍ରେସ କର୍ମୀ ଓ ବିଜେପି ଯୁବମୋର୍ଚ୍ଚା କର୍ମୀଙ୍କ ମଧ୍ୟରେ ତୁମୂଳକାଣ୍ଡ

**କୋଟିଏ ଠକେଇ ଘଟଣା**

# ସଂସ୍ଥାର ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର, ୨।୭ (ସମିସ): ନିବେଶ ଆଳରେ ଅଧିକ ସୁଧ ଦେବାକୁ କହି କୋଟିଏରୁ ଅଧିକ ଟଙ୍କା ଠକେଇ ମାମଲାରେ ଏକ ସଂସ୍ଥାର ଜଣେ ନିର୍ଦ୍ଦେଶକଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଖଣ୍ଡଗିରି ଥାନା ସୁଦର୍ଶନବିହାରର ପ୍ରଶାନ୍ତ କୁମାର ମହାନ୍ତ (୪୭)। ପୁଲିସର କହିବା କଥା, ୨୦୧୬ ଅଗଷ୍ଟ ମାସରେ ପ୍ରଶାନ୍ତ ଏବଂ ତାଙ୍କ ପତ୍ନୀଙ୍କ ସହ ସୌମିତ୍ର ପଟ୍ଟନାୟକ ବନ୍ଧୁତା ହୋଇଥିଲା। ପରେ ସୌମିତ୍ର କ୍ରିସ ଇଣ୍ଡିଜେନସ ଟେକନିକାଲ୍ ଇକ୍ୟୁପମେଣ୍ଟ ପ୍ରାଇଭେଟ ଲିମିଟେଡ ନାମରେ ଏକ ଏଲ୍‌ଇଡି ଲାଇଟ୍ ପ୍ରସ୍ତୁତି କମ୍ପାନୀ ପ୍ରତିଷ୍ଠା କରି ନିଜେ ଉକ୍ତ କମ୍ପାନୀର ନିର୍ଦ୍ଦେଶକ ପଦବୀରେ ଥିବା ବେଳେ ପତ୍ନୀଙ୍କୁ ସହ ନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ଦେଇଥିଲେ। ଉକ୍ତ କମ୍ପାନୀରେ ଜଣେ ନିର୍ଦ୍ଦେଶକ ଭାବେ ଯୋଗଦେଇ ତଥା ଟଙ୍କା ବିନିଯୋଗ କରି ୩୩ ପ୍ରତିଶତ ଲାଭରାଶି ପାଇବାର ପ୍ରଲୋଭନ ଦେଖାଇବା ସହ ଅର୍ଥ ନିବେଶ କରିବା ଲାଗି ଅଭିଯୁକ୍ତ ଦମ୍ପତି ପରାମର୍ଶ ଦେଇଥିଲେ। ସୌମିତ୍ର ଉଭୟଙ୍କୁ ପ୍ରଥମ କିସ୍ତିରେ ୮୦ ଲକ୍ଷ ୫୦ ହଜାର ଟଙ୍କା ଓ ଦ୍ୱିତୀୟ କିସ୍ତିରେ ୩୪ ଲକ୍ଷ ୯୨ ହଜାର ଟଙ୍କା ମିଶାଇ ମୋଟ ୧କୋଟି ୧୫ ଲକ୍ଷ ୪୨ ହଜାର ଟଙ୍କା ଉଭୟଙ୍କ ବ୍ୟାଙ୍କ ଟ୍ରାନ୍ସଫର ଏବଂ ନଗଦ ରାଶି ଭାବେ ଦେଇଥିଲେ। କିନ୍ତୁ ନେଇଥିବା ଟଙ୍କା କିମ୍ବା ଲାଭାଂଶ ଆଉ ଫେରାଇ ନ ଥିଲେ ଦମ୍ପତି। ସୌମିତ୍ର ଉକ୍ତ ରାଶିକୁ ଫେରାଇବାକୁ ବାରମ୍ବାର ଅନୁରୋଧ କରିବାରୁ, ଅଭିଯୁକ୍ତ ଉତ୍ୟକ୍ତ ହୋଇ କିଛି ଅସାମାଜିକ ଲୋକଙ୍କ ସହ ଆସି ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ୨୦୨୩ ମସିହା ମେ’ ମାସରେ ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଆଜି ପ୍ରଶାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି।




# ଆନ୍ନା ନାଁରେ ‘ଦକ୍ଷିଣୀ’ ବେପାର

**ବଙ୍ଗାଳୀ ଦୋକାନରେ ସାଉଥ୍ ଖାଇବା**

ଭୁବନେଶ୍ୱର, ୨।୭ (ସମିସ): ବିଂଶ ଶତାବ୍ଦୀର ଶେଷ ଦଶକରେ ଅର୍ଥାତ୍ ୧୯୯୦ରୁ ୨୦୦୦ ମସିହା ମଧ୍ୟରେ ରାଜଧାନୀରେ ଖୋଲିଲା ଦକ୍ଷିଣୀ ହୋଟେଲ୍ ଓ ଜଳଖିଆ ଦୋକାନ। ବିଶେଷକରି ଦକ୍ଷିଣ ଓଡ଼ିଶାର କେତେକ ଲୋକେ ଆସି ଏଠାରେ ବ୍ୟବସାୟ ଆରମ୍ଭ କରିଥିଲେ। ନବେରୁ ଦୁଇହଜାର ମସିହା ପର୍ଯ୍ୟନ୍ତ ସାଉଥ୍ ଇଣ୍ଡିଆନ୍ ନାମରେ ରେସ୍ତୋରାଁ ବା ହୋଟେଲ ଦେଖିବାକୁ ମିଳୁଥିଲା। ସେହି ସମୟରେ ଗୋଟିଏ ଥାଳିର ଦର ୨୫ ରୁ ୩୦ ଟଙ୍କା ଥିଲା। ଯେଉଁଥିରେ କି ଭାତ, ଡାଲି, ସାମ୍ବର, ପାମ୍ପଡ଼, ଚଟଣି ସମେତ ୬ ରୁ ୭ ପ୍ରକାରର ଆଇଟମ୍ ରହୁଥିଲା। ପରବର୍ତ୍ତୀ ଏହି କାରବାର କାଳକ୍ରମେ ବିସ୍ତାରିତ ରୂପ ନେଲା। ଏବେ ପ୍ରାୟ ୩୦୦ଟି ରେସ୍ତୋରାଁ, ହୋଟେଲ ଓ ଟିଫିନ୍ ଷ୍ଟଲ୍‌ରେ ଦକ୍ଷିଣୀ ଖାଇବା ଉପଲବ୍ଧ ହେଉଛି। ମୋଟାମୋଟି କହିଲେ ରାଜଧାନୀର ୭୦ରୁ ୮୦ ପ୍ରତିଶତ ହୋଟେଲ ବା ଖାଇବା ଷ୍ଟଲ୍‌ରେ ଦକ୍ଷିଣୀ ଖାଇବାକୁ ଲୋକେ ପସନ୍ଦ କରୁଛନ୍ତି।

ହେଲେ ଏବେ ବିଭିନ୍ନ ରେସ୍ତୋରାଁ ବା ହୋଟେଲରେ ଆଉ ସାଉଥ୍ ଇଣ୍ଡିଆନ ନାମ ବହୁତ କମ୍ ଦେଖିବାକୁ ମିଳୁଛି ସିନା ଦକ୍ଷିଣୀ ଖାଦ୍ୟ ଆଇଟମ୍ କିନ୍ତୁ ପ୍ରଚଳିତ ହେଉଛି। ଦକ୍ଷିଣୀ ଥାଳିରେ ଅନ୍ୟ ଆଇଟମ୍ ରହିଲେ ମଧ୍ୟ ସାମ୍ବର, ଚଟଣି, ପାମ୍ପଡ଼, ବିଭିନ୍ନ ଖଟା ଆଇଟମ୍ ଆଦି ଉପଲବ୍ଧ ହେଉଛି। ଏବେ ବଡ଼ ବଡ଼ ଛକରୁ ନେଇ ଛୋଟଗଳିରେ ସାଉଥ୍ ଟିଫିନ୍ ବା ଆନ୍ନା ଟିଫିନ୍ ଷ୍ଟଲ୍ ସମ୍ ହସ୍ପିଟାଲ, ଭୀମଟାଙ୍ଗି, ଗଙ୍ଗନଗର, ଜାଗମରା, ସିଆର୍‌ପିଏଫ୍ ଆଦିରେ ଦେଖିବାକୁ ମିଳୁଛି। ଏସବୁ ଦୋକାନୀଙ୍କ ମଧ୍ୟରେ ଅଧାରୁ ଅଧିକ ହେଉଛନ୍ତି ଗଞ୍ଜାମ ଜିଲ୍ଲାର। ଆମେ ଭେଟିଥିଲୁ ଗଙ୍ଗନଗରରେ ଥିବା ଆନ୍ନା ଟିଫିନ୍ ଷ୍ଟଲ୍‌ର ମାଲିକ ଅନ୍ତର୍ଯ୍ୟାମୀ ପାତ୍ରଙ୍କୁ। ଗଞ୍ଜାମ ଅନ୍ତର୍ଯ୍ୟାମୀ କୁହନ୍ତି, ଦୀର୍ଘ ୪୦ ବର୍ଷ ହେଲା ସେ ଏହି ଟିଫିନ୍ ଷ୍ଟଲ୍ ଚଳାଉଛନ୍ତି। ସେ ପ୍ରଥମେ ଭୁବନେଶ୍ୱରରେ ଏକ ଛୋଟ ଠେଲା ଗାଡ଼ିରେ ବେପାର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହି ବେପାର ବଢ଼ିବା ସହ ସେ ଆନ୍ନା ନାମରେ ପରିଚିତ ଲାଭ କଲେ। ତାଙ୍କ ଟିଫିନ୍ ଷ୍ଟଲ୍‌ରେ ଇଟିଲ୍, ସାମ୍ବର, ଚଟଣି, ଦୋସା ଓ ଅନ୍ୟାନ୍ୟ ଝଣାଭାଜି ଜିନିଷ ସହିତ ବିଭିନ୍ନ ପ୍ରକାରର ମିଠା ଉପଲବ୍ଧ ହେଉଛି। ପ୍ଲେଟ୍‌ର ଦାମ୍ ୨୫ ରୁ ୩୦ ଟଙ୍କା ରହିଛି। ଟିଫିନ୍ ଷ୍ଟଲ୍‌ରୁ ଯେତେକି ଟଙ୍କା ରୋଜଗାର ହେଉଛି ସେଥିରୁ କିଛି ସେ ଏକ ଟ୍ରଷ୍ଟ କରିଛନ୍ତି ତାହା ମାଧ୍ୟମରେ ଜନ ସେବାରେ ଖର୍ଚ୍ଚ କରୁଛନ୍ତି। ତାଙ୍କୁ ଏହି କାମ ପାଇଁ ବହୁତ ପ୍ରଶଂସା ମିଳିଛି ବୋଲି କୁହନ୍ତି ଅନ୍ତର୍ଯ୍ୟାମୀ। ଲୋକେ ପଇସା ଦିଅନ୍ତୁ କି ନ ଦିଅନ୍ତୁ କିନ୍ତୁ ଶାନ୍ତିରେ ଖାଇକି ଯାଉଛନ୍ତି ବୋଲି ସେ କହିଛନ୍ତି। ଏହି ସବୁ ଟିଫିନ୍ ଷ୍ଟଲ୍, ହୋଟେଲ, ରେସ୍ତୋରାଁକୁ ଛାଡ଼ିଲେ ଭୁବନେଶ୍ୱରରେ ଗାଙ୍ଗୁରାମ ସୁଇଟ୍ସ ନାମରେ ଖୋଲିଥିବା ବଙ୍ଗୀୟ ମିଠା ଦୋକାନ ଓ ଜଳଖିଆ ଷ୍ଟଲ୍‌ଗୁଡ଼ିକରେ ମଧ୍ୟ ଏହି ଦକ୍ଷିଣୀ ଖାଦ୍ୟ ଉପଲବ୍ଧ ହେଉଛି। ଇଡ୍‌ଲି, ବରା, ପିଆଜି, ସିଙ୍ଗଡ଼ା ସାଙ୍ଗକୁ ସାମ୍ବର, ଚଟଣି, ଆଦି ଖାଇବା ମିଳୁଛି।



# ୪୭ ଡେଙ୍ଗୁ ରୋଗୀ ଚିହ୍ନଟ

ଭୁବନେଶ୍ୱର, ୨।୭ (ସମିସ): ରାଜଧାନୀରେ ବଢ଼ିଲାଣି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ଜାନୁଆରୀ ମାସରୁ ଜୁନ୍ ମାସ ସୁଦ୍ଧା ବିଏମ୍‌ସି ଅଞ୍ଚଳରୁ ୪୭ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ମୋଟ୍ ୪୬ ଜଣଙ୍କ ଘରୁ ଏହି ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତ ୪୬ ଜଣଙ୍କ ଘରୁ ଡେଙ୍ଗୁ ମଶାର ଲାର୍ଭା ମିଳିଥିବା ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ମୁତାବକ, ବୁଦ୍ଧବିହାର, ବମିଖାଲରେ ୪ଟି ଲେଖାଏଁ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ବଡ଼ଗଡ଼ ଏବଂ ଜୟଦେବ ବିହାର ଅଞ୍ଚଳରେ ୩ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପଟିଆରେ ସର୍ବାଧିକ ୫ଟି ଡେଙ୍ଗୁ ମାମଲା ରେକର୍ଡ କରାଯାଇଛି। ସେହିପରି ବଢୁଥିବା ଡେଙ୍ଗୁ ରୋଗକୁ ଦୃଷ୍ଟିରେ ରଖି ଡେଙ୍ଗୁ ବିରୋଧୀ ଲଢ଼େଇକୁ ବ୍ୟାପକ କରାଯାଇଛି। ସଚେତନତାକୁ ମଧ୍ୟ ବ୍ୟାପକ କରାଯାଉଛି। ସହରରେ ଏବେ ଦୈନିକ ୧୫ ଲିଟର ମଶା ତେଲ ସଞ୍ଚନ କରାଯାଉଛି। ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇଥିବାବେଳେ ଡେଙ୍ଗୁ ମଶା ଚିନ୍ତା ବଢ଼ାଇଲାଣି। ଜାନୁଆରୀ ଏବଂ ମାର୍ଚ୍ଚ ମାସରେ ଗୋଟିଏ ଲେଖାଏଁ ମାମଲା ଥିଲା ବେଳେ ଫେବ୍ରୁଆରୀରେ କୌଣସି ରୋଗୀ ଚିହ୍ନଟ ହୋଇ ନ ଥିଲେ। ଏପ୍ରିଲରେ ୧୧, ମେ ମାସରେ ୯ ରୋଗୀ ଚିହ୍ନଟ କରାଯାଇଥିଲା।



ଜୁନରେ ସିଧାସଳଖ ୨୫ଟି ଡେଙ୍ଗୁ ମାମଲା ରେକର୍ଡ କରାଯାଇଛି। ଜୁଲାଇ ଏବଂ ଅଗଷ୍ଟ ମାସରେ ବର୍ଷା ଅଧିକ ହେଉଥିବା ଯୋଗୁଁ ଏହି ୨ଟି ମାସ ସବୁଠାରୁ ଅଧିକ ସମ୍ବେଦନଶୀଳ ଅଟେ। ଏହା ମଧ୍ୟରେ ଜୁଲାଇ ମାସ ଆରମ୍ଭ ହୋଇଗଲାଣି। ଏହି ମାସରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବ ବୋଲି ଆଶଙ୍କା କରାଯାଉଛି। ସେହିପରି ଭୁବନେଶ୍ୱରରେ ୮ ହଜାର ଲୋକଙ୍କ ଡେଙ୍ଗୁ ପରିକ୍ଷା ହୋଇଛି। ଏହା ସହିତ ୫ହଜାର ଲୋକଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟକର୍ମୀମାନେ ଯାଞ୍ଚ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୩ରେ ବିଏମ୍‌ସି ଅଞ୍ଚଳରେ ୪୨୫୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୨ରେ ୩୪୬୪, ୨୦୨୧ରେ ୩୮୫୧ ଏବଂ ୨୦୨୦ ମସିହାରେ ମାତ୍ର ୫୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିଲା।

ଭୁବନେଶ୍ୱର ସିଟି



# ଗୁଗଲ୍ ଭରସାରେ ଫସୁଛନ୍ତି ବାଟୋଇ




## କେଉଁଠି ପାହାଡ଼ରେ ଫସି ତ ଆଉ କେଉଁଠି ନଦୀରେ ଭାସି କଲବଲ

## ଲୋକେସନ୍ ଖୋଜିବା ପୂର୍ବରୁ ନିୟମ ଅନୁପାଳନ ଲାଗି ପରାମର୍ଶ

ଭୁବନେଶ୍ୱର, ୨।୭ (ସମିସ):

ସମୟପରିବର୍ତ୍ତନସାଙ୍ଗକୁ ଲୋକେ ଆଧୁନିକତା ଆଡ଼କୁ ଆଗେଇଲେଣି। ଏବେ ଲୋକେ ଗୁଗଲ୍ ମ୍ୟାପ୍‌ର ସହାୟତା ନେଇ ସହଜରେ ସଠିକ୍ ସ୍ଥାନରେ ପହଞ୍ଚି ପାରୁଛନ୍ତି। ପଥ ପ୍ରଦର୍ଶନ କ୍ଷେତ୍ରରେ ଗୁଗଲ୍ ମ୍ୟାପ୍‌ର ସାହାରା ଲୋଡୁଛନ୍ତି। ଗୁଗଲ୍ ସହ ଜଡ଼ିତ ରହିଥିବାରୁ ସମସ୍ତେ ଏହାକୁ ବିଶ୍ୱାସ କରୁଛନ୍ତି। କିନ୍ତୁ ଗୁଗଲ୍ ମ୍ୟାପ୍ ବାଟୋଇଙ୍କୁ ବାଟବଣା କରୁଛି। ଗୁଗଲ୍‌ର ତ୍ରୁଟିପୂର୍ଣ୍ଣ ମ୍ୟାପ୍‌ର ପଥପ୍ରଦର୍ଶନରୁ ଅକାଳରେ ଜୀବନରେ ଚାଲିଯାଉଛି। କେଉଁଠି ପାଣିରେ ପଡ଼ି ଜୀବନଗଲାଣି ତ ଆଉ କେଉଁଠି ପାହାଡରେ ଫସି କଲବଲ ହେଉଛନ୍ତି। ଏପରିକି ପର୍ଯ୍ୟଟକ ଗୁଗଲ୍‌ର ସାହାରା ନେଇ ବାଟବଣା ହେବାରୁ ଗୋଟିଏ ଜିଲ୍ଲା ପରିବର୍ତ୍ତେ ଅନ୍ୟ ଜିଲ୍ଲାରେ ପହଞ୍ଚୁଛନ୍ତି। ସେଭଳି ବେଳେ ବେଳେ ଗୁଗଲ୍ ମ୍ୟାପ୍ ପାଇଁ ବି ଲୋକଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛ। ସିଧା ରାସ୍ତା ବଦଳରେ ଲୋକ ବୁଲିବୁଲି ହଇରାଣ ହେଉଥିବା ବି ଦେଖିବାକୁ ମିଳିଛି। ଅନେକ ଘଟଣା ଓ ଅଘଟଣ ପରେ ବି ଚେତା ପଶୁନି। ଏନେଇ ସତର୍କ ରହିବା ସହ ସମସ୍ତଙ୍କୁ ଗୁଗଲ୍ ମ୍ୟାପ୍ ପୂର୍ବରୁ କିଛି ନିୟମ ଅନୁପାଳନ ଲାଗି ପରାମର୍ଶ ଦିଆଯାଇଛି। ମୋବାଇଲରେ ଡାଟା ସେଭର ପ୍ଲାନ ବ୍ୟବହାର ନ କରି ଏହା ବଦଳରେ ୪ଜି କିମ୍ବା ୫ଜି ପ୍ଲାନ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଅନୁରୂପ ଭାବେ ମୋବାଇଲରେ ଅଫ୍‌ଲାଇନ୍ ଗୁଗଲ୍ ମ୍ୟାପକୁ ଡାଉନ୍‌ଲୋଡ କରିବାକୁ ପରାମର୍ଶ ଦିଆଯାଇଥିବା ବେଳେ ଜଙ୍ଗଲ, ଉପାନ୍ତ ଗ୍ରାମାଞ୍ଚଳ ଆଦି ଅଞ୍ଚଳରେ ସ୍ଥାନୀୟଲୋକେ ସହାୟତା ନେବାକୁ କୁହାଯାଇଛି। ଏଥିସହ ମୋବାଇଲର ଲୋକେସନ୍ ଅପସନ୍‌ରେ ହାଇଆକୁରାଶିକୁ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯାଇଛି।

ଦୁଇ ଦିନ ତଳେ ଢେଙ୍କାନାଳର ପ୍ରମୁଖ ପର୍ଯ୍ୟଟକସ୍ଥଳୀ ସପ୍ତଶଯ୍ୟା ଜଙ୍ଗଲରେ ୫ ଛାତ୍ର ଫସିଯାଇଥିଲେ। ଗୁଗଲ୍ ମ୍ୟାପ୍ ସେମାନଙ୍କୁ ବାଟବଣା କରିଥିଲା। ପ୍ରବଳ ବର୍ଷା ଓ ଘର ଅନ୍ଧକାର ଭିତର ସ୍ଥାନୀୟଲୋକେ ଓ ପୁଲିସ ସମସ୍ତ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ସେଭଳି ଓଡ଼ିଶାକୁ ଆସିଥିବା ତାମିଲନାଡୁର ଏକ ଭାରିଯାନ ଚାଳକ ଗୁଗଲ୍ ମ୍ୟାପ୍‌ର ସହାୟତା ନେଇଥିଲା। ଗୁଗଲ୍ ଦେଖାଇବା ରାସ୍ତାରେ କାର୍‌ଚାଳକ ଆଗକୁ ଦ୍ରୁତଗତିରେ ମାଡ଼ି ଚାଲିଥିଲା। କିନ୍ତୁ ଭାରିଯାନ ଯାଉଥିବା ବ୍ରିଜ୍‌ର କାର୍ଯ୍ୟ ଅଧାପନ୍ତରିଆ ରହିଥିଲା। ବ୍ରିଜ ମୁଣ୍ଡରେ କିଛି ଯୁବକ ଚାଳକଙ୍କୁ ମନା କରିବା ସତ୍ତ୍ୱେ ଗୁଗଲ୍ ଦେଖାଉଥିବାରୁ ସେଇ ରାସ୍ତା ଅନୁକରଣ କରିଥିଲେ। ପରେ ସମ୍ପୂର୍ଣ୍ଣ ହୋଇ ନ ଥିବା ବ୍ରିଜରୁ ଭାରିଯାନଟି ତାଳକୁ ଖସି ପଡ଼ିଥିଲା। ଫଳରେ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା।

ଅନୁରୂପ ଭାବେ ଗୁଗଲ୍ ମ୍ୟାପ୍ ଦେଖି କେରଳର ଦୁଇ ଯୁବ ଡାକ୍ତର ଅଦ୍ୱୈତ ଓ ଆଜମଲ୍ କାର୍‌ରେ ନିଜର ଗନ୍ତବ୍ୟସ୍ଥଳକୁ ଯାଉଥିଲେ। ପ୍ରବଳ ବର୍ଷା ହେଉଥିବାରୁ ଦୃଶ୍ୟମାନ କମ୍ ହେଉଥିଲା। ତେଣୁ ଦୁଇ ଯୁବ ଡାକ୍ତର ଗୁଗଲ୍ ମ୍ୟାପ୍‌ର ସହାୟତା ନେଇଥିଲେ। ଗୁଗୁଲ ମ୍ୟାପ୍ ଦେଖାଉଥିବା ବାଟରେ କାର୍ ନେଇ ଆଗକୁ ବଢ଼ି ଚାଲିଥିଲା। ଗୁଗଲ୍ ଦେଖାଉଥିବା ରାସ୍ତାର୍ କାର୍ ନେଇ ଦୁଇ ଯୁବ ଡାକ୍ତର ଯାଉଥିବା ବେଳେ ପେରିୟାର ନଦୀରେ କାର୍ ଖସି ପଡ଼ିଥିଲା। ସ୍ଥାନୀୟଲୋକେ ଦୁଇ ଡାକ୍ତରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ କିନ୍ତୁ ଡାକ୍ତର ମୃତଘୋଷଣା କରିଥିଲେ। ମହାରାଷ୍ଟ୍ରର କାର୍ ଚାଳକ ସତୀଶ ଘୁଲେ ଦୁଇ ଯାତ୍ରୀ ଗୁରୁଶେଖର ଓ ସମୀର ରାଜୁରକରକୁ ନେଇ ଏକ ସ୍ଥାନକୁ ଯାଉଥିଲେ। ଯାତ୍ରୀ ଯାଉଥିବା ସ୍ଥାନ ବିଷୟରେ କାର୍ ଚାଳକ ସତୀଶ ପୂର୍ବରୁ ପରିଚିତ ନ ଥିଲେ। ତେଣୁ ଗୁଗୁଲର ସହଯୋଗ ଲୋଡ଼ିଥିଲେ। କିନ୍ତୁ ଗୁଗଲ୍ ତାଙ୍କୁ ବାଟବଣା କରିଥିଲା। ଗୁଗଲ୍ ଦେଖାଉଥିବା ରାସ୍ତାରେ ସତୀଶ ଯିବାରୁ ଅହମେଦନଗର ରାସ୍ତାରେ ଥିବା ଏକ ଡ୍ୟାମ୍‌ରେ କାର୍ ପଶିଯାଇଥିଲା। ଗୁଗୁଲ୍‌ର ସହାୟତା ନେବାରୁ ସତୀଶ ଓ ଦୁଇ ଯାତ୍ରୀ ଡ୍ୟାମ୍‌ର ପାଣିରେ ପଡ଼ି ଉବୁଟୁବୁ ହୋଇଥିଲେ। ପରେ ଦୁଇ ଯାତ୍ରୀ ପହଁରା ଶିଖିଥିବାରୁ କୂଳରେ ପହଞ୍ଚିଯାଇଥିଲେ। କିନ୍ତୁ କାର୍ ଚାଳକ ସତୀଶ ପାଣିରେ ବୁଡି ମୃତ୍ୟୁ ହୋଇଥିଲା। ସେହିପରି ଜଣେ ପର୍ଯ୍ୟଟକ ତାମିଲନାଡୁର ପାହାଡିଆ ଇଲାକା ଗୁଡାଲୁରରେ ସପ୍ତାହେ ପାଇଁ ଛୁଟି କଟାଇବାକୁ ଆସିଥିଲେ। ଏହି ସ୍ଥାନଟି ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ମଝିରେ ପଡେ। ସାଧାରଣତଃ ଉଟି ଯାଉଥିବା ପର୍ଯ୍ୟଟକ ଏଠାକୁ ଆସନ୍ତି। ତେବେ ବ୍ୟକ୍ତି ଜଣକ କର୍ଣ୍ଣାଟକ ଫେରିଯିବାର ଥିଲା। ଏଥିପାଇଁ ସେ ଗୁଗଲ ମ୍ୟାପରେ ସର୍ଟକଟ ବାଟ ସର୍ଚ୍ଚ କରିଥିଲେ। ସେ ମ୍ୟାପ ଅନୁସରଣ କରି କାର୍ ଚଳାଉଥଲେ। ମାତ୍ର ଗୁଗଲ ମ୍ୟାପ ତାଙ୍କୁ ନେଇ ଏକ ପାହାଡ ଉପରେ ପହଞ୍ଚାଇ ଦେଇଥିଲା। ସେଠାରୁ ନା ଆଗକୁ ଯାଇଦେଉଥିଲା ନା ପଛକୁ ଫେରି ପାରୁଥିଲେ। ସିଡିରେ କାର ଚାଳକ ଫସି ରହିଥିଲେ। ପରେ ସ୍ଥାନୀୟ ଲୋକ ଓ ପୁଲିସ ତାଙ୍କୁ ସେଠାରୁ ଉଦ୍ଧାର କରି କର୍ଣ୍ଣାଟକ ଯିବା ରାସ୍ତା ବିତାଇଥିଲେ।

ବିଦେଶୀ ପର୍ଯ୍ୟଟକଙ୍କୁ ଭୁଲ୍ ବାଟ ଦେଖାଇଲା ଗୁଗଲ୍ ମ୍ୟାପ୍। ଗୋପାଳପୁର ଜଳପ୍ରପାତ ବୁଲିବାକୁ ଆସିଥିବା ଫାନ୍ସ ପର୍ଯ୍ୟଟକ ମାର୍ସିଲ୍। ପରେ ଗୁଗଲ୍ ମ୍ୟାପ୍‌ର ସହାୟତା ନେବାରୁ ଗୋପାଳପୁର ଜଳପ୍ରପାତ ବଦଳରେ ବାଲେଶ୍ୱରର ସିନ୍ଧୁଆ ଡ୍ୟାମ୍ ଦେଖାଇଥିଲା। ବାଟହୁଡି ସୋରେ ପହଞ୍ଚିଗଲେ ବିଦେଶୀ ପର୍ଯ୍ୟଟକ ମାର୍ସିଲ। ସେହିପରି ଆମେରିକା କାଲିଫର୍ଣ୍ଣିଆର ଜଣେ ବ୍ୟକ୍ତି ଗୁଗୁଲ୍‌ରେ ବାଟବଣା ହୋଇ ସାରା ପରିବାର ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ସପରିବାର ଗୁରୁତର ଆହତ ହୋଇଥିଲେ। ଗୁଗଲ୍ ଯୋଗୁଁ ବଡ଼ଧରଣ ସଡ଼କ ଦୁର୍ଘଟଣାର ଶିକାର ହୋଇଥିବାରୁ ସେ ଗୁଗଲ୍ ନାମରେ ଥାନାରେ ମାମଲା ଦାଏର୍ କରିଥିଲେ।

## ୟୁନିଭର୍ସିଟି ଲ’ କଲେଜରେ ଜାରିରହିବ ଏଲ୍‌ଏଲ୍‌ଏମ୍

ଭୁବନେଶ୍ୱର, ୨।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧୀନରେ ଥିବା ୟୁନିଭର୍ସିଟି ଲ’ କଲେଜରେ ଜାରିରହିବ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ। ଏନେଇ ମଙ୍ଗଳବାର ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ। ପୂର୍ବରୁ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମକୁ ଅଧ୍ୟାପକ ଅଭାବ ଓ ଅନୁସଙ୍ଗିକ ଅସୁବିଧା କାରଣରୁ ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମସୁଧା କରୁଥିଲେ। ଏହା ଅବଗତ ହେବାପରେ ଛାତ୍ରଛାତ୍ରୀମାନେ ତୀବ୍ର ବିରୋଧ କରିଥିଲେ। ବହୁ କମ୍ ସ୍ଥାନରେ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଥିବାବେଳେ କାହିଁକି ବନ୍ଦ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏନେଇ କୁଳପତି ଓ କୁଳସଚିବ କାହ୍ନୁଚରଣ ଧୀରଙ୍କୁ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଜାରି ରଖିବାକୁ ଦାବିପତ୍ର ଦେବାସହ ଆଲୋଚନା କରିଥିଲେ। ଆଲୋଚନା କାଳରେ ପାଠ୍ୟକ୍ରମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେବେଶ କୁମାର ଦାଶ, ସ୍ୱରୁପ ରଞ୍ଜନ ମଲ୍ଲିକ, ସତ୍ୟମେବ ଜୟତେ, ରାଜଲକ୍ଷ୍ମୀ ପଟ୍ଟନାୟକ, ଚନ୍ଦନ ପାଟଖଣ୍ଡା, ସୌମ୍ୟରଞ୍ଜନ ପ୍ରଧାନ ଓ ଅମିତ ଜେନାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶିଶୁକନ୍ୟାକୁ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨।୭ (ସମିସ) : ଏୟାରଫିଲ୍ଡ ଥାନା ୩ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ପିପିଲିରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ପଞ୍ଚୁଗାଁର ସନ୍ତୋଷ ଖୁଣ୍ଟିଆ। ତା’ ନାଁରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗତ ୩୦ ତାରିଖ ଦିନ ସନ୍ଧ୍ୟାରେ ଶିଶୁକନ୍ୟାଟି ଘର ଆଗରେ ଖେଳୁଥିବା ସମୟରେ ସନ୍ତୋଷ ତାଙ୍କୁ ତାଙ୍କ ଘରକୁ ଡ଼ାକି ନେଇ ଦୁଷ୍କର୍ମ କରିଥିଲା। ଘର ଲୋକେ ଅସୁସ୍ଥ ଅବସ୍ଥାରେ ଶିଶୁକନ୍ୟାକୁ ସନ୍ତୋଷର ଘରୁ ପାଇଥିଲେ। ପାରିପାର୍ଶ୍ୱିକ ଅବସ୍ଥା ସହ ଶିଶୁକନ୍ୟାଙ୍କ ଅବସ୍ଥା ଦେଖି ତାଙ୍କ ସହ ଦୁଷ୍କର୍ମ ହୋଇଥିବା ଜାଣିବାକୁ ମିଳିଥିଲା। ଏ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ପୀଡ଼ିତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ପୀଡ଼ିତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏହା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀ ମାଇନା କରିବା ସହ କୋର୍ଟ ଚାଲାଣ କରାଯାଇଛି।

## ମେଧାଙ୍କୁ ଜେଲ୍ ଦଣ୍ଡାଦେଶ ନ୍ୟାୟ ବ୍ୟବସ୍ଥା ପ୍ରତି ଅବିଚାର

ଭୁବନେଶ୍ୱର, ୨।୭ (ସମିସ): ଦେଶର ସମ୍ମାନିତ ଜନଆନ୍ଦୋଳନର ନେତ୍ରୀ ତଥା ମାଟିର ମଣିଷଙ୍କ ଅଧିକାର ପାଇଁ ଆଜୀବନ ସଂଗ୍ରାମୀ ସୁଶ୍ରୀ ମେଧା ପାଟକରଙ୍କୁ ମାନହାନି ଅଭିଯୋଗରେ ୫ ମାସ ଜେଲ ଦଣ୍ଡାଦେଶ ନ୍ୟାୟ ପ୍ରକିୟାରେ ସତ୍ୟର ଲଢ଼େଇ ପ୍ରତି କୁଠାରଘାତ ବୋଲି ଏକ ମିଳିତ ବିବୃତିରେ କହିଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା, ରାଷ୍ଟ୍ରୀୟ ଯୁବା ସଂଗଠନର ଆବାହକ ଡା ବିଶ୍ୱଜିତ, ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ। ମେଧାଙ୍କ ବିରୋଧରେ ଅଭିଯୋଗକାରୀ ୨୪ ବର୍ଷ ତଳେ ଜଣେ ଏନ୍‌ଜିଓ ମାଲିକ ଥିଲେ। ବର୍ତ୍ତମାନ ସେ ଦିଲ୍ଲୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ରୂପେ କେନ୍ଦ୍ର ସରକାରର ସଖୀ କଣ୍ଢେଇ ସାଜିଛନ୍ତି। ଏହି ବ୍ୟକ୍ତି ୨୦୦୨ରେ ଗୁଜୁରାଟରେ ଦଙ୍ଗା ସମୟରେ ସାବରମତୀ ଆଶ୍ରମ ସମ୍ମୁଖରେ ସତ୍ୟାଗ୍ରହ କରୁଥିବା ମେଧା ପାଟକରଙ୍କ ଉପରେ ଶାରୀରିକ ଆକ୍ରମଣ କରିଥିବା ଅଭିଯୋଗ ମାମଲା କୋର୍ଟରେ ପଡ଼ିରହିଛି। ଏହି କେସର ବିଚାର ଏପର୍ଯ୍ୟନ୍ତ ହେଉନାହିଁ। କିନ୍ତୁ ବର୍ତ୍ତମାନ ନର୍ମଦା ବଞ୍ଚାଅ ଆନ୍ଦୋଳନକୁ ବିରୋଧ କରୁଥିବା ଲେଫ୍ଟନାଣ୍ଟ ଗଭର୍ଣ୍ଣର ମେଧାଙ୍କ ବିରୋଧରେ କରିଥିବା ମାନହାନି ମକଦ୍ଦମାରେ ତାଙ୍କୁ ୫ ମାସ ଜେଲ ଓ ୧୦ ଲକ୍ଷ ଟଙ୍କା ଜରିମାନା ଭଳି ଅବିଚାର ରାୟ ପ୍ରକାଶ ପାଇଛି। ବିକାଶ ନାମରେ ଦେଶର ପ୍ରାକୃତିକ ସମ୍ପଦର ଲୁଟକୁ ବିରୋଧ କରୁଥିବା ଆନ୍ଦୋଳନକାରୀମାନଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଏହି ଦଣ୍ଡାଦେଶ କରାଯାଇଥିବା ଅଭିଯୋଗ କରିଛନ୍ତି। ସେମାନେ ମେଧା ପାଟକରଙ୍କୁ ନୈତିକ ସମର୍ଥନ ଦେବାସହ ଉଚ୍ଚ ନ୍ୟାୟାଳୟ ମେଧାଙ୍କ ପ୍ରତି ହୋଇଥିବା ଅବିଚାରକୁ ବିଚାର କରିବାକୁ ନିବେଦନ କରିଛନ୍ତି।

## ‘ଜଗା ମୋ ଜଗତଜିତା’ର ସଙ୍ଗୀତ ଲୋକାର୍ପିତ



ଭୁବନେଶ୍ୱର, ୨।୭ (ସମିସ): ରଥଯାତ୍ରା ଉପଲକ୍ଷେ ଜୀ ସାର୍ଥକ ଓଡିଆ ଦର୍ଶକଙ୍କ ମନ ଜାଣି ନେଇ ଆସୁଛି ଭକ୍ତ ଓ ଭଗବାନଙ୍କ ମିଳନର କାହାଣୀର ଚଳଚ୍ଚିତ୍ର ‘ଜଗା ମୋ ଜଗତଜିତା’। ଫିଲ୍ମଟି ଭକ୍ତଙ୍କ ଅଲୌକିକ ଅନୁଭୂତିର କାହାଣୀକୁ ଦର୍ଶାଯାଇଛି। ଶ୍ରୀଚନ୍ଦ୍ରପୁର ଜଗନ୍ନାଥ ମନ୍ଦିର ପୂଜକ ବଟକେଶ୍ୱର ମିଶ୍ର ରୁହନ୍ତି ନିଜ ବିଧବା ବୋହୁ ସୁଜାତା ଓ ନାତି ଜଗା ସହିତ। ପୁଅ ସୈନିକ ହୋଇ ଦେଶ ପାଇଁ ବୀରଗତି ପ୍ରାପ୍ତ ହୋଇଛନ୍ତି। ସେପଟେ ଗାଁର ଜମିଦାରଙ୍କ ଝିଅ ଚନ୍ଦ୍ରିକା ଜଗାର ସାନ ବେଳର ପ୍ରେମ। କିନ୍ତୁ ସମୟର କାଳଚକ୍ରରେ ଜମିଦାରଙ୍କ ମୃତ୍ୟୁ ହୋଇଛି ଓ ଚନ୍ଦ୍ରିକା ଦୂରେଇଯାଇଛି ଜଗା ଠାରୁ। ଜଗା ମଧ୍ୟ ଯୋଗ ଦେଇଛି ଭାରତୀୟ ସେନାରେ ହେଲେ ଏହାରି ଭିତରେ ଆସିଛି ଓଡ଼ିଆଙ୍କ ମଉଡମଣି ଜଗନ୍ନାଥଙ୍କ ରଥଯାତ୍ରା ଓ କଳାଠାକୁର ଖେଳିଛନ୍ତି ଖେଳ। ଗାଁରେ ସମସ୍ତେ ଏକ ହୋଇଛନ୍ତି ଓ ଧରାପଡ଼ିଛି ଖଳନାୟକ ଯାହା ପାଇଁ ଏତେ କାହାଣୀ। ଜୀ ସାର୍ଥକ ଫିଲ୍ମ ବ୍ୟାନରରେ, ଏସପିପି ପ୍ରଡକସନ୍ସ ହାଉସର ‘ଜଗା ମୋ ଜଗତଜିତା’ ଫିଲ୍ମର ନିର୍ଦ୍ଦେଶକ ହେଉଛନ୍ତି ତ୍ରିପତି ସାହୁ ଓ ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ। ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଫିଲ୍ମର ଗୀତ ରଚନା କରିଛନ୍ତି ଡଃ ନିର୍ମଳ ନାୟକ, ନିହାର ପ୍ରିୟାଶୀଷ ଏବଂ ଅରୁଣ ମନ୍ତ୍ରୀ। କଣ୍ଠଦାନ କରିଛନ୍ତି ସତ୍ୟଜିତ, ପ୍ରଜ୍ଞା, ଚିରାଗ, ଶଶାଙ୍କ ଓ ଅନୁରାଧା। ଫିଲ୍ମର ମୁଖ୍ୟ ଭୂମିକାରେ ଅମନ, ଶ୍ରଦ୍ଧା ପାଣିଗ୍ରାହୀ, ବାଦଲ ମହାନ୍ତି, ପୃଥ୍ୱୀରାଜ ନାୟକ ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାମୀ ଦାମୀ କଳାକାର ନଜର ଆସିବେ। ଫିଲ୍ମରେ ଅଛି ରହସ୍ୟ ଓ ରୋମାଞ୍ଚ, କାହାଣୀରେ ମଧ୍ୟ ନୂତନତ୍ୱ ଅଛି, ଯାହା ଦର୍ଶକଙ୍କୁ ଭଲ ଲାଗିବ। ଆସନ୍ତା ୭ ତାରିଖ ସନ୍ଧ୍ୟା ୬:୩୦ ରେ ଦର୍ଶକମାନେ ଚଳଚ୍ଚିତ୍ରଟି ଦେଖିଲେ ନିଶ୍ଚୟ ମନୋରଞ୍ଜନ ପାଇବେ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍ କହିଛନ୍ତି।

## ଆଇସିଏମ୍‌ଏଆଇ ପକ୍ଷରୁ ଜିଏସ୍‌ଟି ଦିବସ

ଭୁବନେଶ୍ୱର, ୨।୭ (ସମିସ): ଆଇସିଏମ୍‌ଏଆଇ, ଭୁବନେଶ୍ୱର ଚାପ୍ଟର ପକ୍ଷରୁ ମଙ୍ଗଳବାର ନୂଆପଲ୍ଲୀସ୍ଥିତ ସିଏମ୍‌ଏ ଭବନରେ ଅନୁଷ୍ଠିତ ଜିଏସ୍‌ଟି ଦିବସ ପାଳନ କାର୍ଯ୍ୟକ୍ରମରେ ‘୫୩ତମ ଜିଏସ୍‌ଟି କାଉନସିଲର ଅନୁମୋଦନ ତଥା ଏହାର ଶିଳ୍ପ ଓ ଖାଉଟିଙ୍କ ଉପରେ କି ପ୍ରଭାବ ପଡ଼ିବ’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଡିଆର୍‌ଆଇ, ଭୁବନେଶ୍ୱର ଡେପୁଟି ଡାଇରେକ୍ଟର ଶ୍ରୀବାସ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ। ସିଏମ୍‌ଏ




ଚିତ୍ତରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ଦାମୋଦର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ଶରତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସୌମ୍ୟ ରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶତାଧିକ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ।

## ବିବାଦରେ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ନିର୍ବାଚନ

ଭୁବନେଶ୍ୱର, ୨।୭ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ରେ ବିବାଦ ଦେଖାଯାଇଛି। ସୋମବାର ସଂଘର ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ନିର୍ବାଚନକୁ ବର୍ଷେ ପୂରିଥିବା ଓ ଏକ ତୃତୀୟାଂଶ ସଦସ୍ୟଙ୍କ ପ୍ରସ୍ତାବକ୍ରମେ ପୂର୍ବ କମିଟିକୁ ଭାଙ୍ଗିଥିବା ଘୋଷଣା କରିଥିଲେ। ସେହିପରି ନିର୍ବାଚନ ଅନୁଷ୍ଠିତ ହେବା ଯାଏଁ ଅନ୍ତରୀଣ ମହାସଚିବ ଭାବେ ଜ୍ୟୋତିରଞ୍ଜନ ଦାସଙ୍କ ନାମ ଘୋଷଣା କରିଥିଲେ। ଏହାକୁ ମଙ୍ଗଳବାର ଅବୈଧ ଦର୍ଶାଇ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି ପୂର୍ବରୁ ମହାସଚିବ ପଦରେ ଥିବା ଚାରୁଲତା ମହାପାତ୍ର। ସଭାପତିଙ୍କ ଏତାଦୃଶ କାର୍ଯ୍ୟର ପ୍ରତିବାଦରେ ଆଭାସୀ ମାଧ୍ୟମରେ ରାଜ୍ୟ କାର୍ଯ୍ୟକାରିଣିର ଜରୁରୀ ବୈଠକ ହୋଇଥିଲା। ଏଥିରେ ସଭାପତିଙ୍କ ନିଷ୍ପତ୍ତିକୁ ଅବୈଧ ଘୋଷଣା କରାଯାଇଥିବା ଶ୍ରୀମତୀ ମହାପାତ୍ର ପ୍ରକାଶ କରିଛନ୍ତି। ସଭାପତି ଓ ମହାସଚିବଙ୍କ ମଧ୍ୟରେ ଛକାପଞ୍ଝା ମଧ୍ୟରେ ବାସ୍ତବରେ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ କେତେବର୍ଷ ବୋଲି ପ୍ରଶ୍ନ ଉଠିଛି।

## ୩ ମଦ ବେପାରୀ ଗିରଫ

ଭୁବନେଶ୍ୱର, ୨।୭ (ସମିସ): ବେଆଇନ୍ ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୬୯ ଲିଟର ମଦ ଜବତ ହୋଇଛି। ବଡ଼ଗଡ଼ ଥାନା ମଇଁଷାଖଲ ବସ୍ତିର ଚଢ଼ଉ କରି ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିଜୟ କୁମାର ବେହୁରା ଓ ବାବୁ ଖାନ୍। ସେମାନଙ୍କ ଠାରୁ ୩୫ ଲିଟର ମଦ ଜବତ କରାଯାଇଛି। ସେଭଳି ଫୁଲେଶ୍ୱରୀ ବସ୍ତିରେ ଚଢ଼ଉ କରି ଜଣକୁ ଗିରଫ କରାଯାଇଛି। ଗିରଫ ବେପାରୀ ତପୋବନ ବସ୍ତିର ପୂର୍ଣ୍ଣଚନ୍ଦ୍ର ନାୟକ। ସେହିପରି ଆଉ ଦୁଇଟି ମାମଲାରେ ସେଖ୍ ଔରନ୍‌ଜେବେ ଓ ପ୍ରକାଶ ବେହେରାକୁ ଗିରଫ କରାଯାଇଥିବା ଜଣାପଡ଼ିଛି।

### ଡ୍ରେନ୍‌ରେ ଆବର୍ଜନା

# ରାସ୍ତାରେ ଭାସୁଛି ବର୍ଷା ପାଣି



ଭୁବନେଶ୍ୱର, ୨।୭ (ସମିସ):

ବିଏମ୍‌ସିର ସଚେତନତା ସତ୍ତ୍ୱେ ରାଜଧାନୀର ବ୍ୟବସାୟୀମାନେ ଡ୍ରେନ୍‌ରେ ଆବର୍ଜନା ପକାଉଛନ୍ତି। ଫଳରେ ଡ୍ରେନ୍‌ଟି ପୋତି ହୋଇଯିବା ଯୋଗୁଁ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଚାଲୁଛି।

ୟୁନିଟ୍-୯ ଅଞ୍ଚଳରେ ଥିବା ବାୟାବାବା ମଠ ନିକଟରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ବାୟାବାବା ମଠ ପାଖରୁ ବାହାରି ଥିବା ଏହି ଅଭ୍ୟନ୍ତରିଣ ଡ୍ରେନ୍ ରୁପାଲି ଛକ ମୁଖ୍ୟ ଡ୍ରେନ୍‌କୁ ସଂଯୋଗ କରୁଛି। ଏହି ଡ୍ରେନ ଉପରେ ବାୟାବାବ ମଠ ନିକଟସ୍ଥ ଅଞ୍ଚଳର ବହୁ ଲୋକେ ନିର୍ଭରଶୀଳ। କିନ୍ତୁ ଡ୍ରେନ୍ କଡ଼ରେ ଥିବା ବ୍ୟବସାୟୀ, କିଛି ସ୍ଥାନୀୟ ଲୋକେ ଏଠାରେ ନିୟମିତ ଭାବେ ଅଳିଆ ଫୋପାଡ଼ିବା ଯୋଗୁଁ ମାଟି ଏବଂ ଅଳିଆ, ପଲିଥିନ୍ ପଡ଼ିବା ଯୋଗୁଁ ପ୍ରାୟ ୫୦ ମିଟର ସମ୍ପୂର୍ଣ୍ଣ ଭାବେ ପୋତି ହୋଇଯାଉଛି। ଫଳରେ ଜଳ ନିଷ୍କାସନ ହୋଇପାରୁ ନାହିଁ।



ଅପରିଷ୍କାର ଜଳ ଗୋଟିଏ ସ୍ଥାନରେ ଜମି ରହୁଛି। ବର୍ଷା ହେବାରୁ ପାଣି ନିଷ୍କାସିତ ହୋଇପାରୁ ନାହିଁ। ଅସୁବିଧାରେ ପଡ଼ୁଛନ୍ତି ସ୍ଥାନୀୟ ବାସିନ୍ଦା। ପ୍ରବଳ ବର୍ଷା ହେବାରୁ ବର୍ଷା ଜଳ ଲୋକଙ୍କ ଘରେ ପଶୁଛି ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅସରାଏ ବର୍ଷା ହେଲେ ପାଣି ରାସ୍ତାରେ ମାଡ଼ିବା ସହ ଲୋକଙ୍କ ଘରେ ପଶୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଘରୁ ବାହାରି ପାରୁ ନାହାନ୍ତି। ଆଗକୁ ଲଗାଣ ବର୍ଷା ହେବାର ଆଶଙ୍କା ଥିବାରୁ ଏହି ପରିସ୍ଥିତି ଉତ୍କଟ ହେବାର ଆଶଙ୍କା ରହିଛି। ଏବେ ବି ଲୋକେ ବିଭିନ୍ନ ରୋଗ ବୈରାଗର ଶିକାର ହେଉଥିବା ବେଳେ ଆଗକୁ ପରିସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ଆଶଙ୍କା ମଧ୍ୟରେ ରହିଛନ୍ତି।

## ୨୫ ଯୁବ ସାହିତ୍ୟିକଙ୍କୁ ମିଳିବ ‘କାଦମ୍ବିନୀ ଫେଲୋସିପ୍’



ଭୁବନେଶ୍ୱର, ୨।୭ (ସମିସ): ମାସିକ ଓଡ଼ିଆ ପତ୍ରିକା କାଦମ୍ବିନୀର ରୌପ୍ୟ ଜୟନ୍ତୀ ସମାରୋହର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ କହିଛନ୍ତି, ଭାରତୀୟ ଶାସ୍ତ୍ରୀୟ ଭାଷା ମାଧ୍ୟମରେ ଓଡ଼ିଆ ଭାଷାର ଏକ ସମୃଦ୍ଧ ଇତିହାସ ରହିଛି। ତେବେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର ଓ ପ୍ରଚାର କ୍ଷେତ୍ରରେ କାଦମ୍ବିନୀର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ କାଦମ୍ବିନୀ ଓ କୁନିକଥାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୫ଜଣ ଯୁବ ସାହିତ୍ୟିକଙ୍କୁ ଫେଲୋସିପ୍ ପ୍ରଦାନ କରାଯିବ। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ଅନନ୍ତ ମହାପାତ୍ର ଯୋଗ ଦେଇଥିଲେ। ଭାରତୀୟ ଡାକ ବିଭାଗ ପକ୍ଷରୁ ଜାରି କରାଯାଇଥିବା କାଦମ୍ବିନୀ ରୌପ୍ୟ ଜୟନ୍ତୀ ସ୍ମାରକୀ ଡାକ ଟିକଟ୍, କାଦମ୍ବିନୀ ରୌପ୍ୟ ଜୟନ୍ତୀ ସଂଖ୍ୟା ଓ କୁନିକଥା ଜୁଲାଇ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ଅଧିବେଶନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ସାହିତ୍ୟିକା ଅର୍ଚ୍ଚନା ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ଗବେଷକ ପରମେଶ୍ୱର ମୁଣ୍ଡ, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଅଭିନେତ୍ରୀ ଓ ନିର୍ଦ୍ଦେଶିକା ଆଇମି ବରୁଆ, ବଲିଉଡ୍ ଅଭିନେତ୍ରୀ ମୀରା ଚୋପ୍ରା, ବଲିଉଡ୍ ଅଭିନେତା ଅଭୟ ବର୍ମା, କ୍ରୀଡ଼ାବିତ୍ ଅନୁରାଧା ବିଶ୍ୱାଳ, କରାଟିକା ଭାଲିନା ଭାଲେଣ୍ଟିନା, ଅଭିନେତା ସବ୍ୟସାଚୀ ମିଶ୍ର, ବିଶିଷ୍ଟ ସେଫ ସୁଶ୍ରୀ ସ୍ମୃତିଶ୍ରୀ ସିଂହ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଏବଂ ସ୍ୱୟଂ ପାଢ଼ୀଙ୍କ ଦ୍ୱାରା କାଦମ୍ବିନୀ ଥିମ୍ ସଙ୍ଗ୍ ଗାନ କରାଯାଇଥିଲା। ଶେଷରେ ସମ୍ପାଦିକା ଡ. ଇତି ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।







# ଦବିଗଲାଣି ପେଭର୍ ବ୍ଲକ୍ ଠିକାସଂସ୍ଥା ଗାଏବ୍



ଭୁବନେଶ୍ୱର, ୨।୭ (ସମିସ):

ରାଜଧାନୀର ସୌନ୍ଦର୍ଯ୍ୟକରଣ ବୃଦ୍ଧି ଏବଂ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ରାସ୍ତା, ଫୁଟ୍‌ପାଥ୍, ପାର୍କଗୁଡ଼ିକରେ ପେଭର୍ ବ୍ଲକ ବିଛାଯାଇଛି। ଅଧିକାଂଶ ସ୍ଥାନରେ ଏହି ପେଭର ବ୍ଲକଗୁଡ଼ିକ ଦବି ଗଲାଣି। ଫଳରେ ଲୋକଙ୍କ ଯାତାୟତରେ ଅସୁବିଧା ହେବା ସହ ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧିରେ ବାଧକ ସାଜିଛି। ଅପରପକ୍ଷେ କାମ କରିଥିବା ଠିକା ସଂସ୍ଥା ଗାଏବ ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି।

ବିଏମ୍‌ସି ଏହାର ଠିକାଦାରମାନଙ୍କୁ ନିୟୋଜିତ କରି ପେଭର୍ ବ୍ଲକ ବିଛାଇବା କାମ କରିଥିଲା। କାମ ନେବା ପୂର୍ବରୁ ଠିକାଦାରମାନଙ୍କୁ କିଛି ସର୍ତ୍ତରେ ସହମତି ହୋଇଥାନ୍ତି। ଯେପରିକି ଯୋଜନା ମୁତାବକ କାର୍ଯ୍ୟକରିବା ଏବଂ ସମୟ ମଧ୍ୟରେ କାମ ଶେଷ କରିବା। ଏହାସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯଦି କାମ ଖରାପ ହୋଇଯାଏ କିମ୍ବା ପେଭର ବ୍ଲକ ଦବି ଯାଏ ତେବେ ସମ୍ପୃକ୍ତ ଠିକାସଂସ୍ଥାକୁ ଏହାର ମରାମତି କରିବାକୁ ପଡ଼ିବ।

ହେଲେ ବିଏମ୍‌ସିରେ କିନ୍ତୁ ଓଲଟା ହେଉଛି। ଥରେ କାମ ଶେଷ ହେବା ପରେ ଠିକାଦାର କିମ୍ବା ଠିକାସଂସ୍ଥା ସେଠାରୁ ଗାଏବ ହୋଇଯାଉଛନ୍ତି। ବିଛା ଯାଇଥିବା ପେଭର୍ ବ୍ଲକ ଠିକ୍‌ଠାକ୍ ଅଛି କିମ୍ବା ଦବିଗଲାଣି ଦିନେ ବି କେହି ଦେଖିବାକୁ ଆସୁନାହାନ୍ତି। ଯଦିବି ଦେଖୁଛନ୍ତି କାମ କରିବାକୁ ପଡ଼ିବ ଭାବି ଚୁପ୍ ରହିଯାଉଛନ୍ତି। ରାସ୍ତା ଖଣ୍ଡିଆ ଖାବରା ହେଉ ପଛେ କିଭଳି ଦିଆ ଯାଇଥିବା ସମୟ ଅତିକ୍ରମ କରିଯିବ ସେନେଇ ଦିନ ଗଣୁଛନ୍ତି।



**ଚୁପ୍ ବସିଛନ୍ତି ବିଏମ୍‌ସି ଯନ୍ତ୍ରୀ**

ଅନ୍ୟପକ୍ଷରେ ପେଭର୍ ବ୍ଲକ ଦବିଗଲାଣି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହାର ବହୁ ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରୁଛନ୍ତି। ଏବେ ବର୍ଷା ହେଉଥିବାରୁ ବହୁ ସ୍ଥାନରେ ପେଭର୍ ବ୍ଲକ ଦବିଗଲାଣି। ଏହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଗୋଟିଏ ପଟେ ଠିକାଦାର ବିଏମ୍‌ସିର ନିୟମ ଉଲ୍ଲଙ୍ଘନ କରୁଥିଲା ବେଳେ ଅନ୍ୟପଟେ ବିଏମ୍‌ସିର ଇଞ୍ଜିନିୟରିଂ ବିଭାଗର ଯନ୍ତ୍ରୀମାନେ ଏହି ନିୟମ ଉଲ୍ଲଙ୍ଘନ ହେଉଥିବା ଦେଖି ଚୁପ୍ ରହୁଛନ୍ତି। ଏହାକୁ ଠିକ୍ କରିବା ପାଇଁ ଠିକାଦାରଙ୍କୁ ପଦୁଟେ ବି କିଛି କହୁନାହାନ୍ତି। ଅନ୍ୟପକ୍ଷରେ ନିୟମ ଉଲ୍ଲଙ୍ଘନ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଏମ୍‌ସି ଇଞ୍ଜିନିୟରିଂ ବିଭାଗ ପକ୍ଷରୁ କୁହାଯାଇଛି।

## ମନ୍ତ୍ରୀ ବୁଲିଲେ ସର୍ବୋଦୟନଗର ଜଳ ବିଶୋଧନାଗାର

ଭୁବନେଶ୍ୱର, ୨।୭ (ସମିସ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ତଥା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ୱାଟର୍ କର୍ପୋରେସନ ଅଫ୍ ଓଡ଼ିଶା (ୱାଟ୍‌କୋ) ଦ୍ୱାରା ପୁରୀର ସର୍ବୋଦୟ ନଗର ଠାରେ ପିପିପି ମୋଡରେ ପ୍ରତିଷ୍ଠା ହୋଇଥିବା ଜଳ ପରୀକ୍ଷଣ ପରୀକ୍ଷାଗାର ପରିଦର୍ଶନ କରିଛନ୍ତି। ଏହି ଅବସରରେ ପରୀକ୍ଷାଗାରରେ କିପରି ଭାବରେ ଜଳର ନମୁନା ସଂଗ୍ରହ କରାଯାଉଛି ଏବଂ ଏହାର ପରୀକ୍ଷଣ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ମନ୍ତ୍ରୀ ନିଜ ଉପସ୍ଥିତିରେ ଜଳ ନମୁନାର ମାନ କିପରି ନିର୍ଣ୍ଣୟ କରାଯାଉଛି ସେ ସମ୍ପର୍କିତ ବିଭିନ୍ନ ପରୀକ୍ଷା କରାଇଥିଲେ। ଏହାପରେ ସେ ପୁରୀ ସମଙ୍ଗ ଗ୍ରାମ ପଞ୍ଚାୟତସ୍ଥିତ ୪୨ଏମ୍‌ଏଲ୍‌ଡି କ୍ଷମତାସମ୍ପନ୍ନ ଜଳ ବିଶୋଧନଗାର ପରିଦର୍ଶନ କରିଥିଲେ। ୱାଟ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ପ୍ରଦୀପ୍ତ କୁମାର ସ୍ୱାଇଁ ମନ୍ତ୍ରୀଙ୍କୁ ଜଳ ବିଶୋଧନାଗାରର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର ବଡ଼ଦାଣ୍ଡରେ ଆଲୋକୀକରଣ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବା ସହ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଡାକ୍ତର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ



ଭୁବନେଶ୍ୱର, ୨।୭ (ସମିସ): ରୋଟାରୀ କ୍ଲବ ପକ୍ଷରୁ ହୋଟେଲ ନିଉ ମାରିୟନ ଠାରେ ଡାକ୍ତର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ବିଚିତ୍ରାନନ୍ଦ ନାୟକ ତଥା ସମ୍ପାଦକ ଡକ୍ଟର ସତ୍ୟାନନ୍ଦ ନାୟକ, ଅନ୍ୟାନ୍ୟ ବରିଷ୍ଠ ରୋଟାରୀ ସଭ୍ୟଙ୍କ ଉପସ୍ଥିତିରେ ୧୧ ଜଣ ଡାକ୍ତର ଏବଂ ୫ ଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଛି।

## 'ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ପ୍ରଚଳନ ହେଉ'

ଭୁବନେଶ୍ୱର, ୨।୭ (ସମିସ): ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ପ୍ରଚଳନ ଓ ଓଡ଼ିଆ ଦସ୍ତଖତର ପ୍ରଚଳନ କରାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ନିବେଦନ କରିଛନ୍ତି। ଦୀର୍ଘ ୧୬ ବର୍ଷ ପରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଥିବା ଗଲା ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ତରଫରୁ ଶ୍ରୀ ପଟ୍ଟନାୟକ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଓଡ଼ିଆ ଅସ୍ମିତା ଆଧାରିତ ଓଡ଼ିଶାରେ ଥିବା ବିଭିନ୍ନ ପ୍ରକାର ସାହିତ୍ୟ ଅନୁଷ୍ଠାନମାନଙ୍କୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା କରିଥିଲେ। ଓଡ଼ିଶାରେ ଏକ ରାଜ୍ୟସ୍ତରୀୟ ସାରସ୍ୱତ କମିଟି ଗଠନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବା ସହ ସାହିତ୍ୟିକମାନଙ୍କୁ ଭତ୍ତା ପ୍ରଦାନ, ଗ୍ରାମାଞ୍ଚଳରେ ଥିବ ଭାଗବତ ଟୁଙ୍ଗୀର ପୁନଃରୁଦ୍ଧାର, ପ୍ରତ୍ୟେକ ରେଳ ଷ୍ଟେସନ ଓ ବସ ଷ୍ଟାଣ୍ଡକୁ ମହାପୁରୁଷଙ୍କ ନାମରେ ନାମିତ କରିବା, ପ୍ରତ୍ୟେକ ଗ୍ରାମରେ ପାଠାଗାର ସ୍ଥାପନ କରିବା, ୩୦ଟି ଜିଲ୍ଲାରେ ପୁସ୍ତକ ମେଳା ଆୟୋଜନ କରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ପାଠକ ସୃଷ୍ଟି କରିବା, ଓଡ଼ିଆ ଅସ୍ମିତା ପାଇଁ କାମ କରୁଥିବା ଅନୁଷ୍ଠାନଗୁଡ଼ିକୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବା ଆଦି ବିଷୟରେ ଆଲୋଚନା କରିଥିଲେ।

**'ସମାଜ ଓ ସଂସ୍କୃତି' ପକ୍ଷରୁ ଦାବି**

## 'ଓଡ଼ିଆ ଅସ୍ମିତା ପାଇଁ ଭାଷା ଭବନ ହେଉ'



ଭୁବନେଶ୍ୱର, ୨।୭ (ସମିସ): ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ, ମହାପୁରୁଷଙ୍କ ପ୍ରେରଣାଦାୟୀ ଜୀବନୀର ପ୍ରଚାର ଓ ପ୍ରସାର, ଐତିହାସିକ ସ୍ମାରକୀର ସୁରକ୍ଷା ଆଦିକୁ ନେଇ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ କରିବା ପାଇଁ ସରକାରଙ୍କ ପାଖରେ ବିଭିନ୍ନ ପ୍ରସ୍ତାବ ରଖିଛି ସମାଜ ଓ ସଂସ୍କୃତି ଅନୁଷ୍ଠାନ। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ନିଶିକାନ୍ତ ମିଶ୍ର କହିଛନ୍ତି, ଶାସନ ଓ ପ୍ରଶାସନର ଭାଷା ଓଡ଼ିଆ ହେବା ଉଚିତ। ସବୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ବିଷୟକୁ ବାଧ୍ୟତାମୂଳକ କରାଯିବା ସହ ଭାଷା ଭବନ ନିର୍ମାଣ ପାଇଁ ଦାବି କରିଛନ୍ତି। ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନ୍ ନ ରହି ଏହାକୁ ସମସ୍ତେ ମିଳିମିଶି ଯୋଜନାବଦ୍ଧ ଭାବେ ଉଜ୍ଜୀବିତ କଲେ ହିଁ ନିଜ ମାତୃଭୂମି ଓ ମାତୃଭାଷା ସହ ଯୁବପିଢ଼ି ଯୋଡ଼ି ହୋଇପାରିବେ ବୋଲି ସେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡ. ଜେନାମଣି ସଞ୍ଜୀବ କୁମାର, ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଗିରିଜା ଶଙ୍କର ଦାଶ, ବିମଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସେବା ସଂସ୍ଥା ପରାମର୍ଶଦାତା କମିଟି ବୈଠକ



ଭୁବନେଶ୍ୱର, ୨।୭ (ସମିସ): ସିଏଚ୍‌ଏସ୍‌ସି ପକ୍ଷରୁ ଜାତୀୟ ସେବା ସଂସ୍ଥା ପରାମର୍ଶଦାତା ବୈଠକ ଆଇଏଏସ୍ ଅଶ୍ୱିନୀ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିଏଚ୍‌ଏସ୍‌ସି ସଚିବ ଶୁଭ୍ରବାଳା ବେହେରା, ଭାରତ ସରକାରଙ୍କ ଆଞ୍ଚଳିକ ନିର୍ଦ୍ଦେଶକା ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗର ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା, ସିଏଚ୍‌ଏସ୍‌ସିର ପ୍ରଶାସନିକ ଅଧିକାରିଣୀ ରଶ୍ମୀରେଖା ଅମାତ, ପ୍ରୋଗ୍ରାମ କୋର୍ଡିନେଟର ଡ. ବିଶ୍ୱମୋହନ ଜେନାଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଫୁଲ ଧଳ, ଉମି ଡାନିଏଲ୍, ମଧୁସୂଦନ ଦାସ ଓ ଯାଜପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଘଟାଇଥିବା 'ମୋ ବସ୍' ଚାଳକ ଗିରଫ

ଭୁବନେଶ୍ୱର, ୨।୭ (ସମିସ): 'ମୋ ବସ୍' ଧକ୍କାରେ ଜଣେ ବ୍ୟକ୍ତିଙ୍କ ଗୁରୁତର ଆହତ ମାମଲାରେ ବସ୍ ଚାଳକକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ପଟିଆର ସୁଶୀଲ ମହାନ୍ତି। କିଛିଦିନ ତଳେ ସୁଶୀଳ ମୋ ବସ୍‌କୁ ଦ୍ରୁତ ଗତିରେ ନେଇ ମାରୁତି ଭିଲ୍ଲା, ଗେଟ ନମ୍ବର-୧ ନିକଟରେ ଛିଡା ହୋଇଥିବା ଜଣେ ବ୍ୟକ୍ତି ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ତାଙ୍କର ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ କିଛି ଲୋକ ଉତ୍ତ୍ୟକ୍ତ ହୋଇ ଉକ୍ତ 'ମୋ ବସ୍'ରେ ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ 'ମୋ ବସ୍' ସହ ଫେରାର ହୋଇଯାଇଥିଲେ। ଡ୍ରାଇଭରକୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ସ୍ଥାନୀୟ ଲୋକଙ୍କ ଭିତରେ ଗିରଫ ପାଇଁ ଦାବି ହୋଇ ଆସୁଥିଲା।

## ଓୟୁଏଟିକୁ ଅବଦୁଲ କଲାମ ପ୍ରେରଣାଦାୟକ ସମ୍ମାନ




ଭୁବନେଶ୍ୱର, ୨।୭ (ସମିସ): ଟପ୍ ନୋଟ୍ ଫାଉଣ୍ଡେସନ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)କୁ ଅବଦୁଲ କଲାମ ପ୍ରେରଣାଦାୟକ ସମ୍ମାନ ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଓୟୁଏଟିର ଅବଦାନ, ଉନ୍ନତ ଗବେଷଣା, ଜ୍ଞାନ ପ୍ରସାରଣ, ଭିତ୍ତିଭୂମି, ଆଧୁନିକ ଯନ୍ତ୍ରପାତିର ଉଦ୍ଭାବନ, ଚାଷୀଙ୍କ ହିତ ପାଇଁ ସମର୍ପଣ ଭାବ ଏବଂ ଶିକ୍ଷାଦାନରେ ଉତ୍କର୍ଷତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମଥୁରା ସାଂସଦ ତଥା ଅଭିନେତ୍ରୀ ହେମା ମାଳିନୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ତାଙ୍କ ସହିତ ଉତ୍ତର ପ୍ରଦେଶର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଓ ମନୋହର ଲାଲ ମନ୍ନୁ କୋଇ, ସାଂସଦ ବନସୁରୀ ସ୍ୱରାଜ, ସୟଦ ଜାଫର ଇସଲାମ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଦେଶର ବହୁ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଉତ୍କୃଷ୍ଟ ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ସମ୍ମାନିତ କରାଯାଇଛି। ଏହି ସମ୍ମାନ ମିଳିବା ପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ ପ୍ରତିକ୍ରିୟା ରଖି କହିଛନ୍ତି, ଆଗାମୀ ଦିନରେ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଏହା ଉତ୍ସାହିତ କରିବ। ଓୟୁଏଟି ପକ୍ଷରୁ ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଦୟାନିଧି ମିଶ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଆବର୍ଜନା କୁଣ୍ଡ ପାଲଟିଛି 'ନମ୍ରକାନି' ପୋଖରୀ



ଭୁବନେଶ୍ୱର, ୨।୭ (ସମିସ):

ଜଳାଶୟରେ ଭର୍ତ୍ତି ହୋଇଛି କୁଢ଼ କୁଢ଼ ଆବର୍ଜନା। ପ୍ଲାଷ୍ଟିକ୍ ବୋତଲ ଠାରୁ ଆରମ୍ଭ କରି ଘରେ ବ୍ୟବହାର ହେଉଥିବା ସାମଗ୍ରୀ ବି ପଡ଼ିରହିଛି। ଆବର୍ଜନା ଏତେ ପଡ଼ିରହିଛି ଯେ, ପୋଖରୀର ପାଣି ଦିଶୁ ନାହିଁ। ଦୀର୍ଘଦିନ ଧରି ଆବର୍ଜନା ପଡ଼ି ରହୁଥିବାରୁ ତାହା ପଚିସଢ଼ି ପାଣି ନଷ୍ଟ ହୋଇଗଲାଣି। ତା ସାଙ୍ଗକୁ ପୋଖରୀ ଭିତରେ ପଙ୍କ କାଦୁଅରେ ଭର୍ତ୍ତି ହୋଇଛି। ଏଭଳି ପରିତ୍ୟକ୍ତ ଅବସ୍ଥାରେ ରହିଛି ପାତ୍ରପଡ଼ାସ୍ଥିତ ନମ୍ରକାନି ପୋଖରୀ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୬୫ର ପାତ୍ରପଡ଼ାରେ ରହିଛି ଏହି ଜଳାଶୟ। ୨୦୨୨ ମସିହା ସ୍ୱାୟତ୍ତ ଶାସନ ଦିବସ ଅବସରରେ ୧ କୋଟି ୮୯ ଲକ୍ଷ ବ୍ୟୟ ଅଟକଳରେ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ହେଲେ ମାସ କେଇଟା ପରେ ପାଣିର ଅବସ୍ଥା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ଏହି ପୋଖରୀର ପୁନରୁଦ୍ଧାର ସମୟରେ ଚାରିପାଖରେ ଷ୍ଟିଲ ବାଡ଼ ସମେତ ପାଚେରି ନିର୍ମାଣ କରାଯିବା ସହ ପାଚେରି କଡ଼ରେ ରଙ୍ଗବେରଙ୍ଗର ଫୁଲଗଛ ଲଗାଯାଇଥିଲା। ଶୌଚ ପାଇଁ ଉଭୟ ପୁରୁଷ ଓ ମହିଳାମାନଙ୍କ ବ୍ୟବହାର ନିମନ୍ତେ ରହିଛି ଅଲଗା ଅଲଗା ଶୌଚାଳୟ। ସଞ୍ଜ ନଇଁଲେ ପୋଖରୀ କୂଳରେ ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଯୁବକମାନେ ଏଠାରେ ଅବସର ସମୟ ଅତିବାହିତ କରିଥାନ୍ତି। ହେଲେ ପ୍ରାୟ ବର୍ଷେ ହେବ ପୋଖରୀ ପାଣି ଅପରିଷ୍କାର ହୋଇ ଦୁର୍ଗନ୍ଧ ହେଉଛି। ପାଣି ଠିକ୍ ଭାବେ ନିଷ୍କାସିତ ହେଉ ନ ଥିବାରୁ ଏହା

**ପୋଖରୀ ଭିତରେ ଭର୍ତ୍ତି ପଙ୍କକାଦୁଅ**

**ଗତବର୍ଷ ଖର୍ଚ୍ଚ ହୋଇଥିଲା ୧.୮୯ କୋଟି**

**ଦୁର୍ଗନ୍ଧରେ ଫାଟିପଡ଼ୁଛି ଜଳାଶୟ ପରିସର**

ବ୍ୟବହାର ଉପଯୋଗୀ ହୋଇନାହିଁ। ଅନେକ ଏହିପାଣି ବ୍ୟବହାର କରି ଚର୍ମରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ପ୍ରାୟ ଦେଢ଼ବର୍ଷ ପୂର୍ବରୁ ପୋଖରୀର ପୁନରୁଦ୍ଧାର ବାବଦକୁ ୧ କୋଟି ୮୯ ଲକ୍ଷ ଖର୍ଚ୍ଚ କରାଯାଇଥିଲା। କିନ୍ତୁ ଏବେ ପୋଖରୀର ଅବସ୍ଥା ଖରାପ ହୋଇଯାଇଛି। ଏ ସମ୍ପର୍କରେ ସ୍ଥାନୀୟ କର୍ପୋରେଟର ରଶ୍ମୀରଞ୍ଜନ ପାଟ୍ଟଶାଣୀ କହିଛନ୍ତି ଯେ, ଏଠାରେ ଅନେକ ଲୋକେ ମନଇଚ୍ଛା ଆବର୍ଜନା ପକାଉଛନ୍ତି। ପ୍ଲାଷ୍ଟିକ୍, ପଲିଥିନ୍ କାଚ ଆଦି ସାମଗ୍ରୀଗୁଡ଼ିକ ପାଣିରେ ଭାସି ପ୍ରାୟ ଏକ ତୃତୀୟାଂଶ ସ୍ଥାନ ଅକ୍ତିଆର କରିସାରିଲାଣି। ପୁଣିଥରେ ପୋଖରୀର ପାଣି ସଫା କରାଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।




## ଆନନ୍ଦବନ ବୁଲିଲେ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର, ୨।୭ (ସମିସ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଆନନ୍ଦ ବନ ସହ ରାଜଧାନୀର ବିଭିନ୍ନ ପାର୍କ ପରିଦର୍ଶନ କରିଛନ୍ତି।

ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆନନ୍ଦବନ, ଘାଟିକିଆସ୍ଥିତ ରାଜ୍ୟ ସିଲଭିକଲ୍‌ଚର ଗାର୍ଡେନ୍, କଳିଙ୍ଗ ନଗରର ଡଃ ଏପିଜେ ଅବ୍‌ଦୁଲ କଲାମ ପାର୍କ ଏବଂ କଳିଙ୍ଗ ନଗରର କେ-୭ରେ ଥିବା ୱେଷ୍ଟ ଟୁ ଆର୍ଟ ପାର୍କ ପରିଦର୍ଶନ କରିଥିଲେ। ଭୁବନେଶ୍ୱରର ପ୍ରମୁଖ ସହରାଞ୍ଚଳ ଫରେଷ୍ଟ ପାର୍କ ଆନନ୍ଦବନରେ ମନ୍ତ୍ରୀ ସମୟ ଅତିବାହିତ କରିଥିଲେ। ସ୍ୱର୍ଣ୍ଣ ଚମ୍ପା ଚାରା ରୋପଣ କରିବା ସହ ଖୋଲା ପାଠାଗାର, ଆମ୍ଫିଥିଏଟର, ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପରିଦର୍ଶନ କରିଥିଲେ। ସ୍ଥାନୀୟ ଜୀବିକାକୁ ସମର୍ଥନ କରିବା ପାଇଁ ସେ ଆନନ୍ଦବନ ମଧ୍ୟରେ ଏକ ଫୁଲ ବଗିଚା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ ଏବଂ ସମଗ୍ର ସହରରେ ଅନୁରୂପ ପାର୍କ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ୮୯.୦୫ ଏକର ପରିମିତ ଏହି ଆନନ୍ଦବନରେ ପର୍ଯ୍ୟାପ୍ତ ପାର୍କିଂ, ବେଞ୍ଚ, ଗଜେବୋ, ବର୍ଷା ଆଶ୍ରୟସ୍ଥଳୀ, ପିଲାଙ୍କ ଖେଳ ପଡ଼ିଆ, ସର୍ବସାଧାରଣ ସୁବିଧା ସମେତ ବିଭିନ୍ନ ସୁବିଧା ସୁଯୋଗ ରହିଛି। କେ-୭ କଳିଙ୍ଗ ନଗରରେ ଥିବା ୱେଷ୍ଟ ଟୁ ଆର୍ଟ ପାର୍କରେ ପୁନଃନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଢ଼େ ୪ ଏକର ପରିମିତ ଏହି ପାର୍କରେ ରୋଲ୍ ବଲ୍, ସ୍କେଟିଂ ଓ ବାସ୍କେଟବଲ୍ ଭଳି କ୍ରୀଡ଼ା ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ ଏଥିରେ ଫୁଲ ଶଯ୍ୟା ପଥ, ବିଭିନ୍ନ ଲ୍ୟାଣ୍ଡସ୍କେପିଂ ଉପାଦାନ ଏବଂ ମୂର୍ତ୍ତି ଅନ୍ତର୍ଭୁକ୍ତ ହେବ। ବିଡିଏ ପକ୍ଷରୁ ଏହି ପାର୍କର ବିକାଶ କରାଯାଉଛି। ଡଃ ଏପିଜେ ଅବ୍‌ଦୁଲ କଲାମ ପାର୍କ ପରିଦର୍ଶନ ସମୟରେ ମନ୍ତ୍ରୀ ଅଧିକାରୀମାନଙ୍କୁ ବର୍ତ୍ତମାନ ଚାଲିଥିବା ପୁନଃବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଏ ଓ ବନ ବିଭାଗ ପକ୍ଷରୁ ବିକଶିତ ହେଉଥିବା ରାଜ୍ୟ ସିଲଭିକଲ୍‌ଚର ଗାର୍ଡେନରେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରି ଜନସାଧାରଣଙ୍କ ପାଇଁ ଏହି ସୁବିଧା ଖୋଲିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

